# NATIONAL NEWS BULLETIN (ODIA)

## 5 February - 2025

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଚାଲିଛି ଗ୍ରହଣ ।

– ପୂର୍ବାହ୍ନ ୧୧ଟା ସୁଦ୍ଧା ୧୯ ଦଶମିକ ୯/୫ ପ୍ରତିଶତ ମତଦାତା ସାବ୍ୟସ୍ତ କରିଥିଲେ ମତାଧିକାର

- ମହାକୁମ୍ଭ ମେଳାରେ ଯୋଗଦେଇ ତ୍ରିବେଣୀ ସଂଗମରେ ବୁଡ଼ ପକାଇଲେ ପ୍ରଧାନମନ୍ତ୍ରୀ

- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଅନୁଷ୍ଠିତ ହେଉଛି ଜାମ୍ମୁ-କାଶ୍ମୀର ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ।

- ଲିବିୟାର ବେନ୍‌ଗାଜିରୁ ୧୮ ଜଣ ଭାରତୀୟଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ।

ଏବଂ

- ଲାହଲୀ ବଦଳରେ କୋଲକାତାଠାରେ ଖେଳାଯିବ ମୁମ୍ବାଇ ଓ ହରିୟାଣା ମଧ୍ୟରେ ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ।

# ଦିଲ୍ଲୀ ପୋଲ୍ସ

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଜାରି ରହିଛି । ପୂର୍ବାହ୍ନ ୧୧ଟା ସୁଦ୍ଧା ପାଖାପାଖି ୧୯ ଦଶମିକ ୯/୫ ପ୍ରତିଶତ ମତଦାନ ହୋଇଥିଲା । ୭୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ୬୯୯ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । କେନ୍ଦ୍ରୀୟ ଦିଲ୍ଲୀ ଅଞ୍ଚଳରେ ୧୬ ଦଶମିକ ୪/୬ ପ୍ରତିଶତ ମତଦାନ ହୋଇଥିବା ବେଳେ ପୂର୍ବ ଦିଲ୍ଲୀରେ ୨୦ ଦଶମିକ ୦/୩ ପ୍ରତିଶତ ମତଦାନ ହୋଇଥିଲା ।

ନୂଆଦିଲ୍ଲୀ ଜିଲ୍ଲାରେ ୧୬ ଦଶମିକ ୮/୦ ପ୍ରତିଶତ, ଉତ୍ତର ଦିଲ୍ଲୀରେ ୧୮ ଦଶମିକ ୬/୩ ପ୍ରତିଶତ, ଉତ୍ତର ପୂର୍ବ ଦିଲ୍ଲୀରେ ୨୪ ଦଶମିକ ୮/୭ ପ୍ରତିଶତ, ଉତ୍ତର ପଶ୍ଚିମରେ ୧୯ ଦଶମିକ ୭/୫ ପ୍ରତିଶତ ଏବଂ ଶାହଦରା ଅଞ୍ଚଳରେ ୨୩ ଦଶମିକ ୩/୦ ପ୍ରତିଶତ ମତଦାନ ହୋଇଥିଲା । ଦକ୍ଷିଣ ଦିଲ୍ଲୀ ଜିଲ୍ଲାରେ ୧୯ ଦଶମିକ ୭/୫ ପ୍ରତିଶତ, ଦକ୍ଷିଣ ପୂର୍ବରେ ୧୯ ଦଶମିକ ୬/୬ ପ୍ରତିଶତ, ଦକ୍ଷିଣ ପଶ୍ଚିମରେ ୨୧ ଦଶମିକ ୯/୦ ପ୍ରତିଶତ ଏବଂ ପଶ୍ଚିମ ଦିଲ୍ଲୀରେ ୧୭ ଦଶମିକ ୬/୭ ପ୍ରତିଶତ ମତଦାନ ହୋଇଛି । ମତଦାନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

ତାମିଲନାଡୁର ଇରୋଡ-ଇଷ୍ଟ ଏବଂ ଉତ୍ତରପ୍ରଦେଶର ମିଲ୍କିପୁର ବିଧାନସଭା ଆସନ ଉପନିର୍ବାଚନ ପାଇଁ ମଧ୍ୟ ମତଦାନ ଚାଲିଛି । ପୂର୍ବାହ୍ନ ୧୧ଟା ସୁଦ୍ଧା ଇରୋଡ-ଇଷ୍ଟରେ ୨୬ ପ୍ରତିଶତ ଓ ମିଲ୍କିପୁରରେ ୩୦ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି ।

## ସିଇସି ରାଜୀବ କୁମାର

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଆଜି ଦିଲ୍ଲୀ ବିଧାନସଭା ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବାରେ ସମ୍ପୃକ୍ତ ପୋଲିଂ ଅଧିକାରୀ, ସୁରକ୍ଷା ବାହିନୀ ଏବଂ ଅନ୍ୟମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି । ଦିଲ୍ଲୀର ନ୍ୟୁ ମୋତି ବାଗ ଅଞ୍ଚଳରେ ଭୋଟ୍ ଦେବା ପରେ ଶ୍ରୀ କୁମାର ଗଣମାଧ୍ୟମକୁ କହିଛନ୍ତି, ସମସ୍ତ ରିଟର୍ଣ୍ଣିଂ ଅଫିସର ଏବଂ ଡିସିପି ମାନଙ୍କ କଠିନ ପରିଶ୍ରମ ଯୋଗୁଁ ଗତ ଏକ ମାସ ମଧ୍ୟରେ ଦିଲ୍ଲୀରେ ପାଖାପାଖି ୧୩ ହଜାର ରାଲୀ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି । ଶ୍ରୀ କୁମାର କହିଛନ୍ତି, ମତଗ୍ରହଣରେ ସ୍ୱଚ୍ଛତା ଏବଂ ନିରପେକ୍ଷତା ଅବଲମ୍ବନ ନେଇ ଯଥାବିଧି ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଭାଇସ ପ୍ରେସିଡେଣ୍ଟ– ଦିଲ୍ଲୀ ପୋଲ୍ସ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ମତଦାନ ହେଉଛି ଗଣତନ୍ତ୍ରର ମୂଳ ଆଧାର । ନୂଆଦିଲ୍ଲୀର ନର୍ଥ ଆଭେନ୍ୟୁ ପୋଲିଂ ବୁଥରେ ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍ ଦେବା ପରେ ଗଣମାଧ୍ୟମ ସହ ଆଲୋଚନାବେଳେ ଶ୍ରୀ ଧନଖଡ଼ କହିଛନ୍ତି, ମତଦାନ ହେଉଛି ସମସ୍ତ ଅଧିକାର ମଧ୍ୟରେ ସବୁଠାରୁ ବଡ଼ ଏବଂ ଶ୍ରେଷ୍ଠ । ସେ କହିଛନ୍ତି, ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଏବଂ ସବୁଠାରୁ ସୁଦୃଢ଼ ଗଣତନ୍ତ୍ର ବ୍ୟବସ୍ଥା । ମତଦାତାଙ୍କ ମତାଧିକାର ସାବ୍ୟସ୍ତ ମାଧ୍ୟମରେ ହିଁ ଶାସନ ପରିବର୍ତ୍ତିତ ହୋଇଥାଏ । ନିର୍ବାଚନ କମିଶନଙ୍କ ପରିଚାଳନାକୁ ଉପରାଷ୍ଟ୍ରପତି ମଧ୍ୟ ପ୍ରଶଂସା କରିଛନ୍ତି । ସେ ସମସ୍ତ ଭୋଟରଙ୍କୁ ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

# ପିଏମ୍-ମହାକୁମ୍ଭ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରପ୍ରଦେଶ ପ୍ରୟାଗରାଜର ମହାକୁମ୍ଭ ମେଳାରେ ଯୋଗଦେଇ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସଂଗମରେ ବୁଡ଼ ପକାଇ ସେ ଐଶ୍ୱର୍ଯ୍ୟୀକ ଅନୁଭୂତି ପ୍ରାପ୍ତ କରିଛନ୍ତି। ଦେଶବାସୀଙ୍କୁ ଗଙ୍ଗାମାତା ଆଶୀର୍ବାଦ କରିବେ ଏବଂ ସମସ୍ତଙ୍କର ସୁସ୍ଥ ଓ ନିରାମୟ ଜୀବନ ପ୍ରଧାନମନ୍ତ୍ରୀ କାମନା କରିଛନ୍ତି। ଆମ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଧାନମନ୍ତ୍ରୀଙ୍କ ସହ ଡଙ୍ଗାରେ ତ୍ରିବେଣୀ ସଂଗମ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଧାନମନ୍ତ୍ରୀ’ ସେଠାରେ ପୂଜାର୍ଚ୍ଚନା କରିଥିଲେ।

ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ ପ୍ରଧାନମନ୍ତ୍ରୀ ତୀର୍ଥସ୍ଥଳରେ ଭିତ୍ତିଭୂମି ଏବଂ ସୁବିଧା ବୃଦ୍ଧି ପାଇଁ ପଦକ୍ଷେପ ଗ୍ରହଣ କରିଆସୁଛନ୍ତି । ଏହା ପୂର୍ବରୁ ଗତବର୍ଷ ଡିସେମ୍ବର ମାସରେ ପ୍ରୟାଗରାଜ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ୫ ହଜାର ୫୦୦ କୋଟି ଟଙ୍କାର ୧୬୭ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ କରିଥିଲେ, ଯେଉଁଥିରେ ସାଧାରଣ ଜନତାଙ୍କ ପାଇଁ ଯୋଗାଯୋଗ, ସୁବିଧା ଓ ସେବାରେ ଉନ୍ନତି ଘଟିଥିଲା।

ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏ ପର୍ଯ୍ୟନ୍ତ ୩୯ କୋଟିରୁ

ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସେଠାରେ ବୁଡ଼ ପକାଇ ସାରିଲେଣି ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଆଜି ସକାଳେ ପ୍ରୟାଗରାଜଠାରେ ବୁଡ଼ ପକାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ରିଜିଜୁ ୧୪୪ ବର୍ଷ ପରେ ପଡ଼ିଥିବା ସଂଯୋଗ ଅବସରରେ ସମସ୍ତେ ପବିତ୍ର ସ୍ନାନ କରିବାକୁ ଆହ୍ୱାନ ଦେଇଛନ୍ତି । ମହାକୁମ୍ଭ ମେଳାରେ ଶ୍ରଦ୍ଧାଳୁଙ୍କର ସୁରକ୍ଷା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ ପାଳନ କରିବାକୁ ମନ୍ତ୍ରୀ ଶ୍ରୀ ରିଜିଜୁ ପରାମର୍ଶ ଦେଇଛନ୍ତି ।

## ଶାହା–ଜେକେ ମିଟିଂ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଆଜି କ୍ରମାଗତ ଦ୍ୱିତୀୟ ଦିନ ପାଇଁ ଜାମ୍ମୁ-କାଶ୍ମୀର ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଜାରି ରହିଛି । ବୈଠକରେ ଗତକାଲି ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ, ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଏବଂ ଅନ୍ୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ । ଗତ ମାସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରିବାକୁ ସୁରକ୍ଷା ସଂସ୍ଥାଗୁଡ଼ିକୁ ପରାମର୍ଶ ଦେଇଥିଲେ । ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ମୂଳୋତ୍ପାଟନ ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଆତଙ୍କବାଦୀ ଘଟଣା, ଅନୁପ୍ରବେଶ ଏବଂ ଆତଙ୍କବାଦୀ ସଂଗଠନ ଗୁଡ଼ିକରେ ଯୁବବର୍ଗଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ସୁରକ୍ଷା ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଥିଲେ ।

## ଇଣ୍ଡିଆନ୍ସ-ଲିବିଆ

ଲିବିଆର ବେନଗାଜିରୁ ଭାରତୀୟ ଦୂତାବାସ ୧୮ ଜଣ ନାଗରିକଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସେମାନେ ଆଜି ଭାରତରେ ପହଞ୍ଚିବେ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଏହି ଭାରତୀୟମାନେ ଲିବିଆରେ କାମ କରିବାକୁ ଯାଇଥିଲେ ଏବଂ କିଛି ସପ୍ତାହ ଧରି ଅଟକି ରହିଥିଲେ। ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ମିଶି ଭାରତୀୟ ଶ୍ରମିକମାନଙ୍କୁ ଆବଶ୍ୟକ ଅନୁମତି ଓ ଆନୁଷଙ୍ଗିକ କାଗଜପତ୍ର ପ୍ରଦାନ କରିବାରେ ସାହାଯ୍ୟ କରିଛି। ନିରନ୍ତର ଯୋଗାଯୋଗରେ ରହି ଦୂତାବାସ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁନିଶ୍ଚିତ କରିବା ସହିତ ସୋମନଙ୍କୁ ଦୈନନ୍ଦିନ ଜୀବନଯାପନ ସାମଗ୍ରୀ ଯୋଗାଇ ଦେଇଛି। ଗତ ଅକ୍ଟୋବର ମାସରେ ଏହି ଗୋଷ୍ଠୀର ଅନ୍ୟ ୩ ଜଣ ଭାରତୀୟ ନାଗରିକ ଦେଶକୁ ଫେରିଥିଲେ। ଶ୍ରୀ ଜୟସ୍ୱାଲ କହିଛନ୍ତି, ବିଦେଶରେ ଥିବା ସମସ୍ତ ଭାରତୀୟଙ୍କ କଲ୍ୟାଣ ଏବଂ ସୁରକ୍ଷା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ।

## ଆର୍‌ବିଆଇ- ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟିର ତିନିଦିନିଆ ବୈଠକ ଆଜିଠାରୁ ମୁମ୍ବାଇଠାରେ ଆରମ୍ଭ ହୋଇଛି। ଆର୍‌ବିଆଇ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସଞ୍ଜୟ ମାଲହୋତ୍ରାଙ୍କର ଅଧ୍ୟକ୍ଷତାରେ ଏହି ବୈଠକ ପ୍ରଥମଥର ପାଇଁ ଅନୁଷ୍ଠିତ ହେବ। ଶୁକ୍ରବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ବୈଠକରେ ସୁଧହାର ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ। ୨୦୨୩ ଫେବୃଆରୀ ମାସରୁ ରେପୋ ରେଟ୍ ୬ ଦଶମିକ ୫ ପ୍ରତିଶତରେ

ଅପରିବର୍ତ୍ତିତ ରହିଛି । ତେବେ ମୁଖ୍ୟ ସୁଧହାରରେ ୨୫ ବେସିସ୍ ପଏଣ୍ଟ ହ୍ରାସ ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି । ସଂସଦରେ ଉପସ୍ଥାପିତ କେନ୍ଦ୍ର ବଜେଟ୍‌ରେ ଉପଭୋକ୍ତା ଭିତ୍ତିକ ଚାହିଦା ବୃଦ୍ଧି ଉଦ୍ଦେଶ୍ୟରେ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଆଧାରରେ ଏହି ବେସିସ୍ ପଏଣ୍ଟ ହ୍ରାସ ପାଇବାର ସମ୍ଭାବନା ନେଇ ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ।

## ବିକଶଇତ ଗାଁ, ବିକଶିତ ଓଡ଼ିଶା

‘ବିକଶିତ ଗାଁ, ବିକଶିତ ଓଡ଼ିଶା’ କାର୍ଯ୍ୟକ୍ରମ ଦାରିଦ୍ର୍ୟ ଓ ଅନଗ୍ରସରତା ବିରୋଧରେ ଏକ ଜନଆନ୍ଦୋଳନ । ଓଡ଼ିଶାର ସମୃଦ୍ଧି ଓ ବିକାଶରେ ଏହା ସହଯୋଗ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଖୋର୍ଦ୍ଧା ଜିଲ୍ଲା ଜଙ୍କିଆଠାରେ ଆଜି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ମାଝୀ କହିଛନ୍ତି, ଗ୍ରାମ ଓ ସହରରେ ଉପଲବ୍ଧ ହେଉଥିବା ସମସ୍ତ ସୁବିଧାର ଅନ୍ତରକୁ କମ୍ କରିବାରେ ଏହି ଯୋଜନା ସହାୟକ ହେବ । ଗ୍ରାମର ବିକାଶ ହେଲେ ରାଜ୍ୟର ବିକାଶ ହେବ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟର ୫୩ ହଜାର ୮୪୫ଟି ରାଜସ୍ୱ ଗ୍ରାମର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି । ଏହି ଯୋଜନାରେ ରାଜ୍ୟର ପ୍ରତ୍ୟେକ ବ୍ଲକ୍ ଓ ଜିଲ୍ଲା କାର୍ଯ୍ୟାଳୟକୁ ସଂଯୋଗ କରାଯାଇଛି । ଉଦ୍‌ଘାଟନୀ ସମାରୋହରେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ସାମିଲ ହୋଇଛନ୍ତି । ଏହି ଯୋଜନା

ଅଧୀନରେ ଗ୍ରାମଗୁଡ଼ିକର ମୌଳିକ ଭିତ୍ତିଭୂମିର ବିକାଶ ସହ ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ।

## ରଣଜୀ- ଭେନ୍ୟୁ

ରଣଜୀ ଟ୍ରଫି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଲାହଲୀ ବଦଳରେ କୋଲକାତାଠାରେ ଖେଳାଯିବ । କୋଲକାତାର ଇଡେନ ଗାର୍ଡେନ୍ସ ଷ୍ଟାଡିୟମଠାରେ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ମ୍ୟାଚ୍ ମୁମ୍ବାଇ ଏବଂ ହରିୟାଣା ମଧ୍ୟରେ ଖେଳାଯିବ । ତେବେ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ନେଇ କୌଣସି କାରଣ ସମ୍ପର୍କରେ ସୂଚନା କ୍ରିକେଟ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ଦିଆଯାଇନାହିଁ । ମୁମ୍ବାଇ କ୍ରିକେଟ ଆସୋସିଏସନ୍‌ର ସଭାପତି ଅଜିଙ୍କ୍ୟ ନାଏକ ମ୍ୟାଚ୍‌ର ସ୍ଥାନ ପରିବର୍ତ୍ତନ ନେଇ ସୂଚନା ଦେବା ସହ କହିଛନ୍ତି, ବିସିସିଆଇରୁ ଏ ନେଇ ତାଙ୍କ ପାଖକୁ ପତ୍ର ଆସିଛି । ମୁମ୍ବାଇ ୪୨ ଥର ରଣଜୀ ଟାଇଟଲ ହାସଲ କରିଛି । ଅନ୍ୟ କ୍ୱାର୍ଟର ଫାଇନାଲରେ ପୁଣେଠାରେ ଜାମ୍ମୁ-କାଶ୍ମୀର ଏବଂ କେରଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ନାଗପୁରଠାରେ ବିଦର୍ଭ ଓ ତାମିଲନାଡୁ ଏବଂ ରାଜକୋଟଠାରେ ଗୁଜୁରାଟ ଓ ସୌରାଷ୍ଟ୍ର ମଧ୍ୟରେ ମୁକାବିଲା ହେବ ।